# ଭୁବନେଶ୍ୱର ସିଟି



## ବିବାହ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ଦୁଷ୍କର୍ମ


ରଙ୍ଗମିସ୍ତ୍ରି ଗିରଫ

ଭୁବନେଶ୍ୱର, ୨।୫ (ସମିସ): ବିବାହ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ଦୁଷ୍କର୍ମ କରିଛି ରଙ୍ଗ ମିସ୍ତ୍ରି। ଏମ୍ସ ନିକଟରେ ଘଟିଥିବା ଏହି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପୁରୀ ଜିଲ୍ଲା ଚନ୍ଦନପୁର ଥାନା ଅନ୍ତର୍ଗତ ଚାଳିସବାଟିଆ ଗାଁର ସଞ୍ଜୟ ସେଠୀ ଓରଫ୍ ବୁନା (୨୯)।

ପୁଲିସ ସୂଚନାନୁସାରେ, ରଣପୁର ଅଞ୍ଚଳର ଜଣେ ୨୭ ବର୍ଷୀୟା ମହିଳା ପୂର୍ବରୁ ବିବାହ କରିଥିବା ବେଳେ ତାଙ୍କର ୭ ବର୍ଷର ଝିଅଟିଏ ରହିଛି। ହେଲେ ସେ କୌଣସି କାରଣରୁ ୯ ବର୍ଷ ହେବ ସ୍ୱାମୀଙ୍କ ଠାରୁ ଅଲଗା ହୋଇ ଏମ୍ସ ନିକଟରେ ରହୁଥିବା ବେଳେ ଏକ ବିଲ୍ଡର୍ସ ସଂସ୍ଥାରେ ଚାକିରି କରିଛନ୍ତି। ସେହି ସଂସ୍ଥାରେ ରଙ୍ଗ ମିସ୍ତ୍ରୀ ଭାବେ କାମ କରୁଥିବା ବୁନା ସହ ତାଙ୍କର ପରିଚୟ ହୋଇଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ବୁନା ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲା।ବୁନା ପ୍ରାୟ ଦେଢ଼ବର୍ଷ ହେବ ମହିଳା ଜଣକ ରହୁଥିବା ଭଡ଼ା ଘରେ ରହୁଥିଲା। ସେଠାରେ ରହିବା ମଧ୍ୟରେ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା। ହଠାତ୍ ଗତମାସ ୨୭ ତାରିଖ ଦିନ ବୁନା କାହାରିକୁ କିଛି ନ କହି ଗାଁକୁ ପଳାଇଥିଲା। ସେଠାରେ ଯାଇ ଅନ୍ୟଜଣେ ଯୁବତୀଙ୍କୁ ବିବାହ କରିଥିଲା। ମହିଳା ଜଣକ ଏ ସଂପର୍କରେ ଜାଣିବା ପରେ ବୁନା ଘରକୁ ଯାଇଥିଲେ। ହେଲେ ସେଠାରେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ମହିଳା ଜଣକ ଏନେଇ ଚନ୍ଦନପୁର ଥାନାର ଲିଖିତ ଅଭିଯୋଗ କରିଥିଲେ। ହେଲେ ଘଟଣା ଗୁଡ଼ିକ ଏମ୍ସ ନିକଟରେ ଘଟିଥିବାରୁ ଚନ୍ଦନପୁର ପୁଲିସ ଜିରୋ ଏଫ୍ଆଇଆର୍ ରୁଜୁ କରି ଖଣ୍ଡଗିରି ଥାନାକୁ ପଠାଇ ଦେଇଥିଲ। ଏଠାରେ ଖଣ୍ଡଗିରି ଥାନା ପୁଲିସ ମାମଲା ରୁଜୁ କରିବା ସହ ବୁନାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସନ୍ଦେହଜନକ ମୃତ୍ୟୁ; ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ

ଯାଁଳା,୨।୫(ସମିସ): ମୁଣ୍ଡମୁହାଣ ଗହିର ଭିତରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ଇନଫୋସିଟି ଥାନା ପୁଲିସ। ମୃତକ ହେଲେ ଇନଫୋସିଟି ଥାନା ଯାଁଳା ଗ୍ରାମର ଲକ୍ଷ୍ମୀଧର ପାତ୍ର (୫୪) ଓରଫ ଧଡିଆ। ଧଡ଼ିଆଙ୍କ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି ତାଙ୍କ ପତ୍ନୀ। ପୁଲିସ ସୂଚନା ଅନୁଯାୟୀ ଗତ କିଛିବର୍ଷ ହେବ ପୈତୃକ ସମ୍ପତ୍ତି ବଣ୍ଟନକୁ ନେଇ ପରିବାର ଭିତରେ ଅସନ୍ତୋଷ ଲାଗି ରହିଥିଲା। ପାରିବାରିକ ଅଶାନ୍ତି କାରଣରୁ ଧଡିଆଙ୍କ ସ୍ତ୍ରୀ କବିତା ଓ ପୁଅ ଭୁବନେଶ୍ୱରସ୍ଥିତ ତାଙ୍କ ଶଶୁର ଘରେ ରହୁଥିଲେ। କିନ୍ତୁ ଧଡିଆ କେତେବେଳେ ସ୍ତ୍ରୀ ଙ୍କ ପାଖରେ ତ କେତେବେଳେ ନିଜ ଘରେ ରହୁଥିଲେ। ଶୁକ୍ରବାର ଧଡିଆ ସକାଳୁ ଘରୁ ବାହାରି ଆଉ ଘରକୁ ଫେରି ନ ଥିଲେ। ଶନିବାର ସକାଳୁ ସକାଳୁ ବିଲ ମାଲିକ ସେଠାକୁ ଯାଇଥିବା ବେଳେ ଜଣେ ଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଖବର ପାଇ ଇନଫୋସିଟି ଥାନା ପୁଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ଡାକ୍ତରଖାନାକୁ ପଠାଇଥିଲେ।

### ଭୁବନେଶ୍ୱରରେ ମାତିଛନ୍ତି ଅନ୍‌ଲାଇନ୍ ଏସ୍କର୍ଟ ସର୍ଭିସ ର୍‌ୟାକେଟ

# ଦାନ୍ତ ଡାକ୍ତରଙ୍କଠାରୁ ଲୁଟିନେଲେ ୭୦ ହଜାର

ଭୁବନେଶ୍ୱର,୨।୫(ସମିସ):



ରାଜଧାନୀରେ ମାତିଛନ୍ତି ଅନ୍‌ଲାଇନ୍ ଏସ୍କର୍ଟ ସର୍ଭିସ ଯୋଗାଉଥିବା ଠକ ର୍‌ୟାକେଟ। ଏମାନେ ଜଣେ ଦାନ୍ତ ଡାକ୍ତରଙ୍କୁ ମହିଳା ଏସ୍କର୍ଟ ସେବା ଯୋଗାଇ ଦେବା ଆଳରେ ପ୍ରାୟ ୭୦ହଜାର ଟଙ୍କା ଲୁଟି ନେଇଛନ୍ତି। ଦାନ୍ତ ଡାକ୍ତରଙ୍କୁ ମାଡ଼ ମରିବା ସହ ପୁଲିସ ଡାକି ମହିଳା ମାମଲାରେ ଫସାଇଦେବୁ ବୋଲି ଧକମ ଦେଇ ଛୁ ମାରିଛନ୍ତି। ଏନେଇ ସମ୍ପୃକ୍ତ ଦାନ୍ତ ଡାକ୍ତର ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ମୁତାବକ, ଦାନ୍ତ ଡାକ୍ତରଙ୍କ ଘର ନନ୍ଦନବିହାର ଅଞ୍ଚଳରେ। ସେ ତାଙ୍କ ଘରେ ଏକୁଟିଆ ରହୁଥିଲେ। ତାଙ୍କ ଫୋନ୍‌କୁ ଏସ୍କର୍ଟ ସର୍ଭିସର ଏକ ବିଜ୍ଞାପନ ଆସିଥିଲା। ଏହି ବିଜ୍ଞାପନରେ କ୍ଲିକ୍ କରିବା ପରେ ଗୋଟିଏ ପରେ ଗୋଟିଏ ସୁନ୍ଦରୀ ଯୁବତୀ, ମହିଳା ଏବଂ ସ୍ୱାମୀ ପରିତ୍ୟକ୍ତଙ୍କ ଫଟୋ ଆସିଥିଲା। ପ୍ରତ୍ୟେକ ଶ୍ରେଣୀର ମହିଳାଙ୍କ ପାଇଁ ଭିନ୍ନ ଭିନ୍ନ ଦାମ୍ ସ୍ଥିର କରାଯାଇଥିଲା। ଏପରିକି ବୟସ ଅନୁଯାୟୀ ମଧ୍ୟ ଯୁବତୀଙ୍କ ଭିନ୍ନ ଭିନ୍ନ ଦାମ୍ ଲେଖା ଯାଇଥିଲା। ଯୋଗାଯୋଗ ପାଇଁ ପ୍ରତ୍ୟେକ ମହିଳାଙ୍କ ଫଟୋ ତଳେ ଏକ ମୋବାଇଲ୍ କିମ୍ବା ହ୍ୱାଟ୍ସଆପ୍ ନମ୍ବର ଦିଆଯାଇଥିଲା। କେବଳ ହୋଟେଲ କିମ୍ବା ଘରେ ଏହି ଏସ୍କର୍ଟ ସର୍ଭିସ ଉପଲବ୍ଧ ବୋଲି ଏହି ୱେବ୍‌ସାଇଟ୍‌ରେ ଉଲ୍ଲେଖ ରହିଥିଲା।

ଦିଆଯାଇଥିବା ନମ୍ବର ଗୁଡ଼ିକ ମଧ୍ୟରୁ ଗୋଟିଏ ନମ୍ବରକୁ ଦାନ୍ତ ଡାକ୍ତର ଫୋନ୍ କରିଥିଲେ। ଏହାପରେ ତାଙ୍କ ହ୍ୱାଟ୍ସଆପ୍‌କୁ ଏକାଧିକ ଯୁବତୀଙ୍କ ଫଟୋ ଆସିଥିଲା। ଗୋଟିଏ ଫଟୋ ପସନ୍ଦ କଲା ପରେ ମୂଲଚାଲ ଆରମ୍ଭ ହୋଇଥିଲା। ଶେଷରେ ଦାନ୍ତ ଡାକ୍ତର ୧୫ ହଜାର ଟଙ୍କା ଦେବେ ବୋଲି କଥା ଛିଣ୍ଡିଲା। ଏଥିପାଇଁ ଅଗ୍ରୀମ ଦେବାକୁ ପଡ଼ିବ ବୋଲି ଦଲାଲ କହିଲେ। ଡାକ୍ତର ଅଗ୍ରୀମ ବି ଦେଇଦେଲେ। ଦଲାଲ୍ କଥାବାର୍ତ୍ତା ବେଳେ କହିଲେ ଏସ୍କର୍ଟଙ୍କୁ ରିସିଭ୍ କରିବାକୁ ଆସିବାକୁ ପଡ଼ିବ ଆଉ ଏକ ଘଣ୍ଟା ମଧ୍ୟରେ ଛାଡିଦେବ। ଏଭଳି କହି ଡାକ୍ତରଙ୍କ ବିଶ୍ୱାସ ଭାଜନ ହେଲେ। ଏଣୁ ଦାନ୍ତ ଡାକ୍ତର ତାଙ୍କ ଘରର ଲୋକେସନ୍ ବି ସେୟାର କଲେ। ଏସ୍କର୍ଟ ଯୋଗାଣକାରୀ ସଂସ୍ଥା ସେମାନେ ଦେଇଥିବା ସମୟ ମୁତାବକ ଯୁବତୀଙ୍କୁ ତାଙ୍କ ଘର ପାଖରେ ଆଣି ଛାଡିଦେଲା।

ଯୁବତୀଙ୍କୁ ରିସିଭ୍ କରିବାକୁ ଦାନ୍ତ ଡାକ୍ତର ଆସିଲେ। ସାଙ୍ଗରେ ଘରକୁ ନେଇଗଲେ। ଘରେ କିଛି କ୍ଷଣ ବସିବା ପରେ ସମସ୍ତ ଅବଶିଷ୍ଟ ଟଙ୍କା ନ ଦେଲେ କିଛି ହେବ ନାହିଁ ବୋଲି ସିଆଣି ଯୁବତୀ ଜଣଙ୍କ ରୋକ୍ ଠୋକ୍‌ଠୋକ୍ ଶୁଣାଇଦେଲେ। ଏହାପରେ ଡାକ୍ତର ଅବଶିଷ୍ଟ ଟଙ୍କା ବି ଦେଇ ଛିଣ୍ଡିଥିବା ୧୫ ହଜାର ଟଙ୍କା ପୂରଣ କଲେ। ଟଙ୍କା ଦେବା ପରେ ଯୁବତୀ କହିଲେ ଦଲାଲ୍ ଏହି ଟଙ୍କା ନେଇଯିବ ମୁଁ କଣ ପାଇବି। ମୋତେ କିଛି ଟଙ୍କା ଦିଅ। ସେଥିରେ ବି ରାଜି ହୋଇ ଡାକ୍ତର ଯୁବତୀଙ୍କୁ ଆଉ କିଛି ହଜାର ଟଙ୍କା ଦେଲେ। ଏହାପରେ ବି ଯୁବତୀ ଡାକ୍ତରଙ୍କ ସହ ସମ୍ପର୍କ ରଖିବାକୁ ରାଜି ହେଲେ ନାହିଁ।

ଡାକ୍ତର ଶେଷରେ ବିରକ୍ତି ପୋଷଣ କରି ସେବା ଆବଶ୍ୟକ ନାହିଁ ବୋଲି କହିବା ସହ ଟଙ୍କା ଫେରାଇବାକୁ କହିଲେ। ଡାକ୍ତରଙ୍କୁ ଡରିଯିବାର ଦେଖି ଯୁବତୀ ଜଣଙ୍କ ଏହି ମୁହୂର୍ତ୍ତରେ ପାଲଟା ଅଧିକ ଟଙ୍କା ମାଗିଲେ। ନଦେଲେ ଚିତ୍କାର କରିବାକୁ ଧମକ ଦେଲେ। ପୁଲିସ ଡକାଇବାକୁ ଧମକ ଦେଲେ। ଦଲାଲକୁ ତୁରନ୍ତ ଫୋନ୍ କଲେ, କହିଲେ ପାଟି ଟଙ୍କା ଦେଉନି। ୧୦ ମିନିଟ୍ ମଧ୍ୟରେ ଜଣେ ଯୁବତୀଙ୍କ ସହ ୩ ଯୁବକ ତୁରନ୍ତ ଡାକ୍ତରଙ୍କ ଘରେ ପହଞ୍ଚି ଡାକ୍ତରଙ୍କୁ ବ୍ଲାକ୍‌ମେଲ କରିବା ଆରମ୍ଭ କଲେ। ଶେଷରେ ସ୍କାନର୍ ମାଧ୍ୟମରେ ୭୦ ହଜାର ଟଙ୍କା ଲୁଟିନେଲେ। ଏମିତି କି ଡାକ୍ତରଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପ୍ରକାଶ ଥାଉ କି ଗତ ୩ବର୍ଷ ତଳେ ଏଭଳି ଏକ ୫ ଜଣିଆ ଗ୍ୟାଙ୍ଗ୍‌କୁ କମିସନରେଟ୍ ପୁଲିସ ଗିରଫ କରିଥିଲା।

## ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଘରୁ ଚୋରି

ଭୁବନେଶ୍ୱର, ୨।୫ (ସମିସ): ରାଜଧାନୀରେ ପୁଣି ଆତଙ୍କ ଖେଳାଇଛନ୍ତି ଚୋର। ଆଉ କେଉଁଠାରୁ ନୁହେଁ, ଖୋଦ୍ ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଘରୁ ଭ୍ୟାନିଟି ବ୍ୟାଗ୍ ଚୋରି ହୋଇଛି। ବିଷ୍ଣୁପଦଙ୍କ ପତ୍ନୀ ବୈଶାଳୀ ସେଠୀ ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ଚୋରି ହୋଇଥିବା ଭ୍ୟାନିଟିରେ ସୁନାଗହଣା ରହିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

ଅଭିଯୋଗ ଅନୁଯାୟୀ, ବୈଶାଳୀଙ୍କ ଭ୍ୟାନିଟି ବ୍ୟାଗଟି ତାଙ୍କ ଶୋଇବା ଘରର ଝରକା ପାଖରେ ରଖିଥିଲେ। ଶୁକ୍ରବାର ସକାଳ ୯ଟାରେ ଶେଷ ଥର ପାଇଁ ଭ୍ୟାନିଟଶ ବ୍ୟାଗ୍ ଦେଖିଥିବା ବେଳେ ୧୨ଟା ୩୦ ବେଳକୁ ବ୍ୟାଗଟି ଆଉ ମିଳି ନ ଥିଲା। ପୂର୍ବାହ୍ନରେ କେହି ଦୁର୍ବୃତ୍ତ ତାଙ୍କ ଘର ହତା ଭିତରେ ପଶି ଝରକା ପଟେ ଭ୍ୟାନିଟ୍ ବ୍ୟାଗ୍ ଚୋରି କରି ନେଇଥିଲା। ସଂପୃକ୍ତ ବ୍ୟାଗ୍ ଭିତରେ ଦୁଇଟି ସୁନା କାନଫୁଲ, ଗୋଟିଏ ହୀରା ମୁଦି, ଚାବି, ଡେବିଟ କାର୍ଡ ଓ ଟଙ୍କା ରହିଥିଲା। ବହୁ ଖୋଜାଖୋଜି କରିବା ସହ ସୁରକ୍ଷାକର୍ମୀଙ୍କୁ ପଚାରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା।

ଏନେଇ ବୈଶାଳୀ କ୍ୟାପିଟାଲ ଥାନାରେ ଲିଖିତ ଏତଲା ଦେଇଛନ୍ତି। ପୁଲିସ ତାଙ୍କ ଅଭିଯୋଗ ଆଧାରରେ କେସ୍ ନଂ - ୨୭୯/୨୬ରେ ମାମଲା ରୁଜୁ କରିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳକୁ ତଦନ୍ତ ଆରମ୍ଭ କରିଛି। ଲାଗିଥିବା ସିସିଟିଭି କାମ କରୁନଥିବାରୁ ଚୋରକୁ ଚିହ୍ନଟ କରିବା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଦିନ ଦ୍ୱିପହରରେ ଘର ଭିତରୁ ଚୋରି ହେବାପରେ କମିସନରେଟ ପୁଲିସର ପାରିବା ପଣିଆ ପଦାରେ ପଡ଼ିଛି। ବରିଷ୍ଠ ଆଇଏଏସଙ୍କ ଘରୁ ଚୋରି ହେବାପରେ ରାଜଧାନୀର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି।

### ପାନ ଦୋକାନରେ ମଦ ବିକ୍ରି ଘଟଣା

# ମାଟିରେ ମିଶିଲା ବାପପୁଅଙ୍କ ଦୋକାନ



**ଜୋତା ପିନ୍ଧି ପଶି ଆସିବାରୁ ହୋଇଥିଲା ବଚସା**

**ଖଣ୍ଡାରେ ହାଣି ଯୁବକଙ୍କ ପାପୁଲି ଅଲଗା କରିଥିଲେ**

ଭୁବନେଶ୍ୱର, ୨।୫ (ସମିସ): ପାନ ଦୋକାନରେ ମଦ ବିକ୍ରିକରିବା ମହଙ୍ଗା ପଡ଼ିଛି। ହଣାକଟା ମାମଲାରେ ବାପପୁଅ ଗିରଫ ହେବାପରେ ଦୋକାନ ଉପରେ ବୁଲଡୋଜର ବୁଲାଇଛି ପୁଲିସ ଓ ପ୍ରଶାସନ। ଗଙ୍ଗୁଆ କେନାଲ ବନ୍ଧରେ ଥିବା ସନ୍ତୋଷ କୁମାର ମଲିଆ ଓ ତାଙ୍କ ପୁଅ ରାକେଶ କୁମାର ମଲିଆଙ୍କ ଦୋକାନକୁ ଭାଙ୍ଗି ଦେଇଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ।

ସୂଚନା ଅନୁସାରେ, ସନ୍ତୋଷ ଓ ରାକେଶ ଗଙ୍ଗୁଆ କେନାଲ ବନ୍ଧରେ ପାନ ଦୋକାନ ଆଢୁଆଳରେ ମଦ ବିକ୍ରି କରୁଥିଲେ। ଗୁରୁବାର ସକାଳେ ମଦ କିଣିବାକୁ ଆସିଥିବା ସୁରେଶ ଜୋତା ପିନ୍ଧି ଦୋକାନ ଭିତରକୁ ପଶିଯିବାରୁ ସନ୍ତୋଷ ତାଙ୍କୁ ଧକ୍କା ଦେଇ ବାହାର କରି ଦେଇଥିଲେ। ସୁରେଶ ଏନେଇ ତାଙ୍କ ସାଙ୍ଗ ଚଇତାଙ୍କୁ ଫୋନ କରି ଡକାଇଥିଲେ। ଚଇତା ଓ ଦୀପକ ଆସି ସନ୍ତୋଷଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ସେପଟେ ସନ୍ତୋଷଙ୍କ ଠାରୁ ଖବରପାଇ ପୁଅ ରାକେଶ ପହଞ୍ଚିବା ପରେ ଉଭୟପକ୍ଷଙ୍କ ମଧ୍ୟରେ ଜୋରସୋର ଝଗଡ଼ା ହୋଇଥିଲା। ରାକେଶ ଦୋକାନରୁ ଏକ ଖଣ୍ଡା ଆଣି ଚଇତାକୁ ଆକ୍ରମଣ କରିଥିଲା। ଚଇତାର ଡାହାଣ ପାପୁଲି କଟି ହାତରୁ ଅଲଗା ହୋଇ ଯାଇଥିଲା। ଘଟଣାରେ ସୁରେଶ ଓ ଦୀପକ ମଧ୍ୟ ଆହତ ହୋଇଥିଲେ। ଚଇତାଙ୍କ ମାଆ ଅଭିଯୋଗ କରିବା ପରେ ଶ୍ରୀ ଲିଙ୍ଗରାଜ ଥାନା ପୁଲିସ ବାପ ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ତେବେ ବାପପୁଅ ସରକାରୀ ଜମିରେ ପାନ ଦୋକାନ କରି ବେଆଇନ ଭାବେ ମଦ ବିକ୍ରି କରୁଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଥିଲା। ଏଥିସହିତ ହଣାକଟା ପରେ ମାରଣାସ୍ତ୍ର ମଧ୍ୟ ରଖୁଥିବା କଥା ସାମ୍ନାକୁ ଆସିଥିଲା। ସଂପୃକ୍ତ ଦୋକାନକୁ ଭାଙ୍ଗିବାକୁ ଶ୍ରୀ ଲିଙ୍ଗରାଜ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ବିଏମସିକୁ ଚିଠି ଲେଖିଥିଲେ। ଶୁକ୍ରବାର ବିଏମସି ଓ ପୁଲିସ ମିଳିତ ଭାବେ ଜେସିବି ମେସିନ୍ ଲଗାଇ ଦୋକାନ ଘରକୁ ଭାଙ୍ଗି ଦେଇଛନ୍ତି। ସରକାରୀ ଜମିରେ ଥିବା ସେହି ଦୋକାନ ଘରକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି।

## ଫ୍ଲାଟ୍ ବିକ୍ରି ନାଁରେ ୭ ଲକ୍ଷ ଠକେଇ; ମହିଳା ଗିରଫ

ଭୁବନେଶ୍ୱର, ୨।୫ (ସମିସ): ଫ୍ଲାଟ୍ ବିକ୍ରି ଆଳରେ ୭ ଲକ୍ଷ ଟଙ୍କା ଠକି ନେଇଥିବା ମହିଳାଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ମହିଳା ହେଲେ ମଧୁପୁରର ସୁନେଲୀ ମଧୁସ୍ମିତା ମହାନ୍ତି (୪୬)। ପୁଲିସ ସୂଚନାନୁସାରେ, ଜିତେନ୍ଦ୍ର ମଲ୍ଲିକ ଫ୍ଲାଟ୍ କିଣିବାକୁ ଚାହୁଁଥିବା ବେଳେ ମଧୁସ୍ମିତାଙ୍କ ଯୋଗାଯୋଗରେ ଆସିଥିଲେ। ମଧୁସ୍ମିତା ରଘୁନାଥପୁରସ୍ଥିତ କମଳିନୀ ଆପାର୍ଟମେଣ୍ଟରେ ଫ୍ଲାଟ୍ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେ କହିବା ମୁତାବକ, ଜିତେନ୍ଦ୍ର ୭ ଲକ୍ଷ ୬୦ ହଜାର ଟଙ୍କା ଦେଇଥିଲେ। କିନ୍ତୁ ଟଙ୍କା ପାଇବା ପରେ ମଧ୍ୟ ମଧୁସ୍ମିତା ଘର ଦେଇ ନ ଥିଲେ କି କୌଣସି ଦଲିଲ ପ୍ରଦାନ କରିନଥିଲେ। ଏମିତିକି ଟଙ୍କା ମଧ୍ୟ ଫେରାଇ ନଥିଲେ। ଜିତେନ୍ଦ୍ର ଥାନାର ଦ୍ୱାରସ୍ଥ ହେବାପରେ ଉଭୟଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇଥିଲା। ମଧୁସ୍ମିତା କିସ୍ତିରେ ଟଙ୍କା ଫେରାଇବାକୁ କହି ବ୍ୟାଙ୍କ୍ ଚେକ୍ ମଧ୍ୟ ଦେଇଥିଲେ। କିନ୍ତୁ ପରେ ସମସ୍ତ ଚେକ୍ ବାଉନ୍ସ ହୋଇଯାଇଥିଲା। ସେ ମାତ୍ର ଏକଲକ୍ଷ ଟଙ୍କା ଫେରାଇଥିବା ବେଳେ ଅବଶିଷ୍ଟ ଟଙ୍କା ଦେଇନଥିଲେ। ଜିତେନ୍ଦ୍ର ଟଙ୍କା ଦାବି କରିବାରୁ ମଧୁସ୍ମିତା ତାଙ୍କୁ ହତ୍ୟା ଓ ପରିବାରକୁ କ୍ଷତି ପହଞ୍ଚାଇବେ ବୋଲି ଧମକ ଦେଇଥିଲେ। ଜିତେନ୍ଦ୍ରଙ୍କ ଅଭିଯୋଗ ଆଧାରରେ ଚନ୍ଦକା ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ମଧୁସ୍ମିତାଙ୍କୁ ଗିରଫ କରିବା ସହ ମାମଲା ସମ୍ପର୍କିତ ସମସ୍ତ ଦରକାରୀ ଦଲିଲ ଜବତ କରିଥିଲା।

## ସ୍ୱରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟକୁ ବିରୋଧ



ହଂସପାଳ,୨।୫(ସମିସ): ପାହାଳ ଥାନା ଅନ୍ତର୍ଗତ ବାଲିଅନ୍ତା ତହସିଲ ଅଧୀନ ଜଗନ୍ନାଥପୁର ଗ୍ରାମପଞ୍ଚାୟତର ଗୋହଳ ମୌଜାରେ ପ୍ରସ୍ତାବିତ ସ୍ୱରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣକୁ ସ୍ଥାନୀୟ ଗ୍ରାମବାସୀମାନେ ବିରୋଧ କରିଛନ୍ତି। ଅଭିଯୋଗ ଅନୁସାରେ ଗୋହଳ ମୌଜାରେ ଥିବା ଗୋଚର ଜମିକୁ ପଞ୍ଚାୟତର ବିନା ଗ୍ରାମସଭା ଏବଂ ସରପଞ୍ଚଙ୍କ ଅଜାଣତରେ ପତିତ କରାଯାଇ ସ୍ୱରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ ଚାଲୁଛି। ଫଳରେ ଗ୍ରାମବାସୀ ମାନେ ଏହାକୁ ତୀବ୍ର ବିରୋଧ କରିଛନ୍ତି। ବିଏମସି ଅଞ୍ଚଳର ର ସମସ୍ତ ବର୍ଜ୍ୟବସ୍ତୁ ଗ୍ରାମାଞ୍ଚଳକୁ ଆସିବା ଦ୍ୱାରା ଦୁର୍ଗନ୍ଧ ହେବା ସହ ପ୍ରଦୂଷଣ ଓ ରୋଗ ବ୍ୟାପିବାର ଭୟ ବୁଦ୍ଧିଜୀବୀ ମହଲରେ ଖେଳିଯାଇଛି। ଜଗନ୍ନାଥପୁର ସରପଞ୍ଚ ବିଶ୍ୱଜିତ୍ ଭୋଇଙ୍କ ସୂଚନା ଅନୁସାରେ ଗୋଚର ଜମିର କିସମ ପରିବର୍ତ୍ତନ କରି ପ୍ଲାଣ୍ଟ କରିବା ଦ୍ୱାରା ଗାଈ ଗୋରୁ ଚରିବା ପାଇଁ ନାନାପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି କିସମକୁ ପୁନର୍ବାର ପରିବର୍ତ୍ତନ କରାଯାଇ ଗୋଚର କରାଯାଇ ଏହି ସ୍ୱରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ପାଇଁ ସେ ଦାବି କରିଛନ୍ତି। ଦାବି ଯଦି ପୂରଣ ନହୁଏ ଆନ୍ଦୋଳନକୁ ତୀବ୍ର କରିବା ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ଆନ୍‌ଦୋଳନରେ ୱାର୍ଡ ମେମ୍ବର ବନିତା ଭୋଇ, ବିଚିତ୍ରା ନନ୍ଦ ଭୋଇ, ଭାଲୁ ଭୋଇ, କବିତା ଭୋ ଙ୍କ ସମେତ ବହୁ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

## ମହିଳାଙ୍କୁ ଅପହରଣ ପରେ ହତ୍ୟା ଉଦ୍ୟମ



**ଫଟୋ ଓ ଭିଡିଓ ଭାଇରାଲ ଧମକ**

**୨୦ ଦିନ ପରେ ଅଭିଯୁକ୍ତ ଗିରଫ**

ଭୁବନେଶ୍ୱର, ୨।୫ (ସମିସ): ରାଜଧାନୀରେ ପୁଣି ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଏକତରଫା ପ୍ରେମରେ ବିଫଳ ହେବାରୁ ମହିଳାଙ୍କୁ ଅପହରଣ କରି ନେଇଛି ଅସାମାଜିକ ଯୁବକ। ଉତ୍କଳ ହସ୍ପିଟାଲ ନିକଟରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଇଶାଣେଶ୍ୱର ବସ୍ତିର ବୁଦ୍ଧଦେବ ଦିଗାଲ (୩୮)।

ପୁଲିସ ସୂଚନାନୁସାରେ, ଜଣେ ୩୨ ବର୍ଷୀୟା ମହିଳା ତାଙ୍କ ସ୍ୱାମୀଙ୍କ ସହ ଇଶାଣେଶ୍ୱର ବସ୍ତିରେ ରହୁଥିବା ବେଳେ ବୁଦ୍ଧଦେବ ମଧ୍ୟ ସେହି ଅଞ୍ଚଳରେ ରହୁଛି। ବୁଦ୍ଧଦେବ କିଛି ମାସ ହେବ ବୈଦେଇଙ୍କୁ ପିଛା କରିବା ସହ ପ୍ରେମ ନିବେଦନ କରି ଆସୁଥିଲା। ହେଲେ ସେ ବାରମ୍ବାର ପ୍ରତ୍ୟାଖ୍ୟାନ କରି ଆସୁଥିଲେ। ଗତମାସ ୧୦ ତାରିଖ ଦିନ ମହିଳା ଜଣକ ଉତ୍କଳ ହସ୍ପିଟାଲ ନିକଟରେ ଚାଲି ଚାଲି ଘରକୁ ଫେରୁଥିଲେ। ସେହି ସମୟରେ ବୁଦ୍ଧଦେବ ଏକ କାରରେ ଆସି ତାଙ୍କୁ ଅଟକାଇଥିଲା। ପୁଣିଥରେ ପ୍ରେମ ନିବେଦନ କରିବା ସହ ଶାରିରୀକ ସମ୍ପର୍କ ରଖିବାକୁ ବାଧ କରିଥିଲା। ମହିଳା ଜଣକ ମନା କରିବାରୁ ବୁଦ୍ଧଦେବ ତାଙ୍କ ଫଟୋ ଓ ଭିଡିଓ ଭାଇରାଲ କରିଦେବ ବୋଲି ଧମକ ଦେଇଥିଲା। ଏହାପରେ ମହିଳାଙ୍କୁ କାରରେ ଅପହରଣ କରି ନେଇଥିଲା। କାର୍ ଭିତରେ ତାଙ୍କ ତଣ୍ଟିଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲା। ବୁଦ୍ଧଦେବ ସହ ଅନେକ ସମୟ ଧସ୍ତାଧସ୍ତି ପରେ ମହିଳା ଜଣକ କୌଶଳକ୍ରମେ ଖସି ଆସିଥିଲେ। ମହିଳାଙ୍କ ସ୍ୱାମୀ ଏନେଇ ପଚାରିବାରୁ ବୁଦ୍ଧଦେବ ତାଙ୍କୁ ଆକ୍ରମଣ କରିବା ସହ ଦମ୍ପତିଙ୍କୁ ହତ୍ୟା କରିବ ବୋଲି ଧମକ ଦେଇଥିଲା। ଏନେଇ ମହିଳା ଜଣକ ଚନ୍ଦ୍ରଶେଖରପୁର ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଗତକାଲି ବୁଦ୍ଧଦେବ ଘରେ ଥିବା ବେଳେ ପୁଲିସ ତାକୁ ଗିରଫ କରିଥିଲା। ତା' ଠାରୁ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଥିଲା।

# ଧଳା ଜହର କବଳରେ ରାଜଧାନୀ

ଭୁବନେଶ୍ୱର, ୨।୫ (ସମିସ): ରାଜଧାନୀର ଗଳିକନ୍ଦିରେ ସହଜରେ ଏବଂ ସୁବିଧାରେ ବ୍ରାଉନ୍‌ସୁଗର ମିଳି ଯାଉଥିବାରୁ ଯୁବଗୋଷ୍ଠୀ ଏହାକୁ ସେବନ କରୁଛନ୍ତି। ବିଶେଷକରି ଶିକ୍ଷାନୁଷ୍ଠାନ ନିକଟରେ ଏଭଳି ନିଶା ସହଜରେ ମିଳୁଥିବାରୁ ଅଧିକାଂଶ ଛାତ୍ରଛାତ୍ରୀ ବ୍ରାଉନ୍‌ସୁଗରକୁ ପ୍ରଥମ ନିଶା ଭାବେ ବାଛି ନେଉଛନ୍ତି। ପୁଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଗୋଟିଏ ଦିନରେ ୪ ଜଣ ବ୍ରାଉନ୍‌ସୁଗର ବେପାରୀଙ୍କୁ ଗିରଫ କରାଯାଇଛି।

## ବାଣୀବିହାରରୁ ୨୦ ଲକ୍ଷର ବ୍ରାଉନ୍‌ସୁଗର ଜବତ; ୨ ଗିରଫ

**ଜାମିନରେ ଆସି ପୁଣି ଚଳାଇଥିଲା କାରବାର**



ବାଣୀବିହାର କ୍ୟାମ୍ପସରେ ନିଶା କାରବାର ହେଉଛି। କ୍ୟାମ୍ପସରେ ଥିବା ଜଙ୍ଗଲିଆ ସ୍ଥାନ ନିଶା କାରବାରର ହବ୍ ପାଲଟିଛି। ଅବକାରୀ ବିଭାଗ ଚଢ଼ାଉ ଦୁଇ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି। ଶୁକ୍ରବାର ରାତିରେ ଏହି ଚଢ଼ାଉ ହୋଇଥିଲା। ଅଭିଯୁକ୍ତଦ୍ୱୟଙ୍କ ଠାରୁ ୧୯୫ ଗ୍ରାମର ବ୍ରାଉନସୁଗର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତଦ୍ୱୟ ହେଲେ ଭରତପୁର ଥାନା ଅଞ୍ଚଳରେ ରହୁଥିବା ସୌରଭ କୁମାର ଟୁଡୁ (୨୪) ଓ ସହିଦନଗର ଅଞ୍ଚଳରେ ରହୁଥିବା ତାର ସହଯୋଗୀ ଅମନ ନାୟକ (୨୪)। ଏନେଇ ଭୁବନେଶ୍ୱର ଅବକାରୀ ରେଞ୍ଜ୍ - ୧ ଇନ୍ସପେକ୍ଟରଙ୍କ ପକ୍ଷରୁ ମାମଲା ପଞ୍ଜିକୃତ କରାଯାଇଛି। ଅଭିଯୁକ୍ତଦ୍ୱୟ ବ୍ରାଉନସୁଗର ବିକ୍ରି କରୁଥିବା ଖବର ପାଇ ଅବକାରୀ ଦଳ ଚଢ଼ାଉ କରିଥିଲା। ଉଭୟ କ୍ୟାମ୍ପସ ଭିତର କେଦାରଶ୍ୱରୀ ମନ୍ଦିର ସମ୍ମୁଖରେ ବ୍ରାଉନସୁଗର ବିକ୍ରି କରୁଥିଲେ। ଅବକାରୀ ଟିମକୁ ଦେଖି ସେମାନେ ଖସି ଯାଇଥିଲେ। ସ୍ଥାନୀୟ ବୁଢା ଅଞ୍ଚଳକୁ ପଳାଇ ଯାଇଥିଲେ। ଅବକାରୀ ଟିମ୍ ପିଛା କରି ଉଭୟଙ୍କୁ କାବୁ କରିଥିଲା। ଏନେଇ ଭୁବନେଶ୍ୱର ଅବକାରୀ ଜିଲ୍ଲା ଏସ୍‌ପି ଦେବାଶିଷ ପଟେଲ କହିଛନ୍ତି, ବର୍ଷେ ତଳେ ସୌରଭ ବାଣୀ ବିହାର କ୍ୟାମ୍ପସରୁ ଗିରଫ ହୋଇଥିଲା। ଅବକାରୀ ବିଭାଗ ହାତରେ ଧରାପଡି ସେ ଜେଲ ଯାଇଥିଲା। ସେତେବେଳେ ତା ପାଖରୁ ୧୮୦ ଗ୍ରାମର ବ୍ରାଉନସୁଗର ଜବତ ହୋଇଥିଲା। ୬ ମାସ ଜେଲରେ ରହି ଜାମିନରେ ଆସିଥିଲା। ସେ ପ୍ରାୟ ସମୟରେ ବାଣୀ ବିହାର କ୍ୟାମ୍ପସ ପରିସରରେ ବ୍ରାଉନସୁଗର ବିକ୍ରି କରେ। ବିଶେଷକରି ଅଣଛାତ୍ରମାନେ ତାର ଗ୍ରାହକ ସାଜୁଥିଲେ। କ୍ୟାମ୍ପସ ଭିତରେ ଥିବା ଅନ୍ଧାରିଆ ଜଙ୍ଗଲିଆ ପରିବେଶରେ ଲୁଚି ରହି କାରବାର କରୁଥିଲା। ବାଲେଶ୍ୱରରୁ ବେପାରୀ ଦ୍ୱାରା ବ୍ରାଉନସୁଗର ଆଣୁଥିଲା। ସୌରଭକୁ ବ୍ରାଉନସୁଗର ଯୋଗାଇଥିବା ବାଲେଶ୍ୱର ବେପାରୀକୁ ଧରିବାକୁ ଆମେ ପ୍ରୟାସ ଜାରି ରଖିଛୁ।

### ଖେଳ ପଡ଼ିଆରେ ବ୍ରାଉନ୍‌ସୁଗର ବିକ୍ରି

## ମାଆ ପୁଅ ସମେତ ୪ ଗିରଫ



ବେଆଇନ ବ୍ରାଉନସୁଗର କାରବାର କରୁଥିବା ଅଭିଯୋଗରେ ମାଆ ପୁଅ ସମେତ ୪ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ, ଭରତପୁର ହରପାର୍ବତୀ ସାହିର ପ୍ରଭାସିନୀ ନାୟକ (୪୦), ତାଙ୍କ ପୁଅ ରାଜେନ୍ଦ୍ର ନାୟକ ଓରଫ୍ ଧେଡ଼ିଆ (୨୦), ଅମରଜିତ୍ ପ୍ରଧାନ ଓରଫ୍ ରକି (୩୦) ଓ ତମାଣ୍ଡୋ ଥାନା ସୁବୁଦ୍ଧିପୁରର ଗୌତମ ପ୍ରଧାନ (୨୬)। ପୁଲିସ ସୂଚନାନୁସାରେ, ତାରିଣୀ ମାର୍କେଟ ପଛପଟ ଖେଳ ପଡ଼ିଆରେ ବ୍ରାଉନସୁଗର ବିକ୍ରି ହେଉଥିବା ନେଇ ଭରତପୁର ଥାନା ପୁଲିସକୁ ଖବର ମିଳିଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ପଡ଼ିଆରେ ଚଢ଼ଉ କରି ପ୍ରଭାସିନୀ, ରାଜେନ୍ଦ୍ର, ଅମରଜିତ୍ ଙ୍କ ଓ ଗୌତମକୁ ଅଟକ ରଖିଥିଲା। ତଲାସୀ ସମୟରେ ସେମାନଙ୍କ ଠାରୁ ଏହା ୨୬.୫୪ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ଅଭିଯୁକ୍ତମାନେ ଖୋର୍ଦ୍ଧାରୁ ବ୍ରାଉନସୁଗର ଆଣି ଭରତପୁର ଅଞ୍ଚଳରେ ବିକ୍ରି କରୁଥିଲେ ବୋଲି ପୁଲିସ ଆଗରେ ସ୍ୱୀକାର କରିଥିଲେ। ଏନେଇ ଭରତପୁର ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି।



# ଭୁବନେଶ୍ୱର ସିଟି

## ‘ମେହେରମୁଣ୍ଡା’ର ଅଡିଓ ଓ ଟ୍ରେଲର୍ ରିଲିଜ୍



ଭୁବନେଶ୍ୱର,୨।୫(ସମିସ): ଓଡ଼ିଆ ଚଳଚ୍ଚିତ୍ର ‘ମେହେର ମୁଣ୍ଡା’ର ଅଡିଓ ଓ ଟ୍ରେଲର୍ ରିଲିଜ ସ୍ଥାନୀୟ ଏକ ହୋଟେଲ ଅନୁଷ୍ଠିତ ହୋଇଯାଇଛି। ବୁଣାକାରଙ୍କ ଜୀବନ ଜୀବିକା ଓ ସଂଘର୍ଷକୁ ନେଇ ନିର୍ମିତ ‘ମେହେରମୁଣ୍ଡା’ରେ ରଙ୍ଗ ଓ ତନ୍ତର ସୁକ୍ଷ୍ମତମ ଭାବନା ଓ ଆବେଗ ପ୍ରତିଫଳିତ ହୋଇଛି। ଏଥିରେ ଅଭିନେତା ଜ୍ୟୋତି ରଞ୍ଜନ ନାୟକଙ୍କ ବିପକ୍ଷରେ ନାୟିକା ଅଛନ୍ତି ଅର୍ଲିନ ଅଙ୍କିତା। ଅନ୍ୟାନ୍ୟ ପ୍ରମୁଖ ଚରିତ୍ରରେ ରାକେଶ କୁମାର ପାଢ଼ୀ, ସୁଶାନ୍ତ ଦାସ ମହାପାତ୍ର ପ୍ରମୁଖ ଅଭିନୟ କରିଛନ୍ତି। ଜିଆର ରେକର୍ଡସ ବ୍ୟାନରରେ ନିର୍ମିତ ଏହି ଫିଲ୍ମର ପ୍ରଯୋଜନା ରାକେଶ କୁମାର ପାଢୀ କରିଥିବା ବେଳେ ନତର୍ଦ୍ଦେଶନା ଦେଇଛନ୍ତି ନିକୁଞ୍ଜ ହୋତା। ତେବେ ସିନେମାରେ ୨୬ଲକ୍ଷ ବୁଣାକାରଙ୍କ ଜୀବନ, ଜୀବିକା ଓ ସଂଘର୍ଷର କାହାଣୀକୁ ଦର୍ଶାଯାଇଥିବା ବେଳେ ଚଳିତ ମାସ ୧୫ ତାରିଖରେ ସିନେମାଟି ମୁଣ୍ଡା ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।

# ଓଲଟିଲା ସିଲିଣ୍ଡର୍ ବୋଝେଇ ଟ୍ରକ୍

ଭୁବନେଶ୍ୱର,୨।୫(ସମିସ):

ରାଜପଥରେ ଘଣ୍ଟାଏ ଫସିଲେ ଯାତ୍ରୀ



ରାଜଧାନୀରେ ପୁଣି ରାସ୍ତା ଦୁର୍ଘଟଣା ଯୋଗୁଁ ଏଲ୍‌ପିଜି ସିଲିଣ୍ଡର ବୋଝେଇ ମିନିଟ୍ରକ୍ ଜାତୀୟ ରାଜପଥ ନମ୍ବର ୧୪ରେ ଓଲଟି ପଡ଼ିଯାଇଛି। ଫାୟରଷ୍ଟେନ ଏଲ୍‌ଆଇସି ବ୍ରାଞ୍ଚ ଅଫିସ ଫ୍ଲାଏଓଭର ଉପରେ ଟ୍ରକ୍‌ଟି ଶନିବାର ସନ୍ଧ୍ୟାରେ ଓଲଟି ପଡ଼ିଥିଲା। ଏହାର ଚାଳକ ଏବଂ ହେଲ୍‌ପର ସାମାନ୍ୟ ଆହତ ହୋଇଥିଲେ ମଧ୍ୟ ବଡ଼ ବିପଦରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ତେବେ ଏହାକୁ ନେଇ ପୁଣି ଜାତୀୟ ରାଜପଥରେ ଦୁଇ ଘଣ୍ଟା ଧରି ଜାମ୍ ହୋଇଯାଇଥିଲା। ଯାତ୍ରୀମାନେ ଏଥିପାଇଁ ନାହିଁ ନଥିବା ହଇରାଣ ହୋଇଥିଲା ବେଳେ ରୋଗୀ ନେଇ ଆସୁଥିବା ଏକାଧିକ ଆମ୍ବୁଲାନ୍ସ ଭିଡ଼େରେ ଫସିଯାଇଥିଲା। ଦମକଳ ଏବଂ କମିସନରେଟ୍ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ହଟାଇବା ସହ ରାସ୍ତା ଜାମ୍ ହଟାଇଥିଲେ।

ମିଳିଥିବା ସୂଚନା ମୁତାବକ, ସିଲିଣ୍ଡର ବୋଝେଇ ଟ୍ରକ୍‌ଟି ଆଚାର୍ଯ୍ୟ ବିହାରରୁ ଖଣ୍ଡଗିରି ଆଡ଼କୁ ଆସୁଥିଲା। ଟ୍ରକ୍‌ଟି ଅନ୍ୟ ଏକ ଗାଡ଼ି ସହ ଦୁର୍ଘଟଣା ଯୋଗୁଁ ସନ୍ଧ୍ୟା ପ୍ରାୟ ୬ଟା ୩୦ସମୟରେ ଓଲଟି ପଡ଼ିଥିଲା। ଯାହାଫଳରେ ଫ୍ଲାଏଓଭର ଖଣ୍ଡଗିରି ଆଡ଼କୁ ଯାଉଥିବା ଗୋଟିଏ ପାଖର୍ ସମ୍ପୂର୍ଣ୍ଣ ଭାବେ ଜାମ୍ ହୋଇଯାଇଥିଲା। ପୁଣି ସହରରେ ବଡ଼ ଧରଣର ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ପ୍ରଥମେ ଫ୍ଲାଏ ଓଭରରେ ଯାତ୍ରୀମାନେ ଫସି ଯାଇଥିଲେ। ଜୟଦେବ ବିହାର ପର୍ଯ୍ୟନ୍ତ ଗାଡ଼ିଗୁଡ଼ିକର ଲମ୍ବା ଲାଇନ୍ ଦେଖାଯାଇଥିଲା। କିଛି କାର୍‌ଚାଳକ ରାସ୍ତାରେ ଗାଡ଼ି ରଖି ଏକ ଘଣ୍ଟା ପାଇଁ ନିଦରେ ଶୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। ଯାତ୍ରୀମାନେ ସମୟ ମଧ୍ୟରେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରି ନଥିଲେ। ଅନ୍ୟପକ୍ଷରେ ଏମ୍ସ ଏବଂ ଏକାଧିକ ବଡ଼ ଘରୋଇ ହସ୍ପିଟାଲର ଆମ୍ବୁଲାନ୍ସ ଏହି ରାସ୍ତା ଉପରେ ନିର୍ଭରଶୀଳ। ଫ୍ଲାଏଓଭର ଉପରେ ଥିବା ଆମ୍ବୁଲାନ୍ସ ମଧ୍ୟ ଏଠାରେ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ଫସିଯାଇଥିଲା। ଫଳରେ ରୋଗୀ ସେବା ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ ଏବଂ ଟ୍ରାଫିକ୍ ପୁଲିସ ପହଞ୍ଚି କ୍ରେନ୍ ଯୋଗେ ଟ୍ରକ୍‌କୁ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ସାଲିଆସାହିରେ ପୁଣି ଉଚ୍ଛେଦ

ଭୁବନେଶ୍ୱର,୨।୫(ସମିସ): ଦୁଇଶହ ଫୁଟିଆ ରାସ୍ତା ପ୍ରଶସ୍ତୀକରଣ ପାଇଁ ପୁଲିସ ଉପସ୍ଥିତିରେ ବିଏମସି ଓ ବିଡିଏ ପକ୍ଷରୁ ସାଲିଆସାହିରେ ପୁଣି ବଡ଼ ଧରଣର ଉଚ୍ଛେଦ ଆରମ୍ଭ ହୋଇଛି। ଏକାମ୍ର କାନନ ନିକଟରେ ଥିବା ୧୦ରୁ ଉର୍ଦ୍ଧ୍ୱ ଘରକୁ ପ୍ରଥମ ଦିନରେ ଉଚ୍ଛେଦ କରାଯାଇଛି। ପ୍ରାୟ ୮୧ଟି ଘର ଭଙ୍ଗାଯିବାର ଯୋଜନା ରହିଛି। ପୂର୍ବରୁ ଏହି ପ୍ରକଳ୍ପ ପାଇଁ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୬୦୦ରୁ ଅଧିକ ଘର ଉଚ୍ଛେଦ କରାଯାଇ ସାରିଥିବା ସୂଚନା ମିଳିଛି। ସେହିପରି ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ୨୦୦ରୁ ଅଧିକ କର୍ମଚାରୀ, ୬ ପ୍ଲାଟୁନ ପୁଲିସ ଫୋର୍ସ ଉଚ୍ଛେଦ ପ୍ରକ୍ରିୟା ସାମିଲ ଅଛନ୍ତି। ଅନ୍ୟପଟେ ବୁଦ୍ଧ ବିହାରରେ ସରକାର ଯେଉଁ ଘର ଯୋଗାଇ ଦେଉଛନ୍ତି ତାହା ବହୁତ ଛୋଟ ତେଣୁ କେମିତି ପାଞ୍ଚ ପ୍ରାଣୀ କୁଟୁମ୍ବକୁ ନେଇ ଏତେ ଛୋଟ ଘରେ କେମିତି ରହିବୁ ବୋଲି ଲୋକ ପ୍ରଶ୍ନ କରିଛନ୍ତି। ଭଙ୍ଗା ଯାଉଥିବା ବସ୍ତି ଲୋକଙ୍କ ଆସବାବପତ୍ର ସ୍ଥାନାନ୍ତରିତ ପାଇଁ ବିଡିଏ ପକ୍ଷରୁ ଗାଡ଼ି ଯୋଗାଇବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ କେହି ସହଯୋଗ କରୁନଥିବା ବସ୍ତି ଲୋକ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବସ୍ତି ଉଚ୍ଛେଦ ବେଳେ ଅନେକ ଲୋକେ ବସ୍ତିରେ ଚାକଚକ୍ୟ ଜୀବନଶୈଳୀ ବଞ୍ଚୁଛନ୍ତି। ଜଣେ ବ୍ୟକ୍ତିଙ୍କ ଘରୁ ୨ଟି ଏସି, କୁଲର, ମଡର୍ଣ୍ଣ ଚିମିନ, ବହୁ ମୂଲ୍ୟରେ କିଣାଯାଇଥିବା ଆସବାବପତ୍ର ମିଳିଛି।

## ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନ୍ସିଲ୍‌ର ଏନଏସଏସ୍ ଦ୍ୱାରା ଜଳଛତ୍ର





ଭୁବନେଶ୍ୱର, ୨।୫ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନ୍ସିଲ୍‌ର ଏନଏସଏସ୍ ଦ୍ୱାରା ଜଳଛତ୍ର ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରବଳ ଗ୍ରୀଷ୍ମତାପରେ ଛାତ୍ରଛାତ୍ରୀ, ଯାତ୍ରୀ, କର୍ମଚାରୀ ଓ ସାଧାରଣ ଲୋକଙ୍କୁ ଥଣ୍ଡା ପାଣି ପ୍ରଦାନ କରିବା ପାଇଁ ଏନଏସଏସ୍ ସେବକମାନେ ଏଥିରେ ସାମିଲ ହୋଇଥିଲେ।

## ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାସୁମନ ଅର୍ପଣ

ଭୁବନେଶ୍ୱର,୨।୫(ସମିସ): ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମବାର୍ଷିକୀରେ ଓଡ଼ିଶା ବିଧାନସଭା ପାର୍ଶ୍ୱରେ ଥିବା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ରଘୁନାଥ ମୁର୍ମୁଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକ ଦେବଯାନୀ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସ୍ମୃତିଚାରଣ କରିଛନ୍ତି।

## ଗୌତମ ବୁଦ୍ଧଙ୍କର ୨୫୭୦ତମ ଜୟନ୍ତୀ



ଭୁବନେଶ୍ୱର, ୨।୫(ସମିସ): ମହାବୋଧି ସୋସାଇଟି ଅଫ ଇଣ୍ଡିଆର ଓଡିଶା ଶାଖା କଳିଙ୍ଗ ବୁଦ୍ଧ ବିହାର ପକ୍ଷରୁ ଗୌତମ ବୁଦ୍ଧଙ୍କର ୨୫୭୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଓଡିଶା ଶାଖା ସଭାପତି ନରେନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ବ୍ୟୋମକେଶ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ତଥା ଓଡିଶା ଭାସ୍କରର ମୁଖ୍ୟ ସମ୍ପାଦକ ପ୍ରଦୋଷ ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ଅବସରରେ ସ୍ମରଣିକା ‘କଳିଙ୍ଗ’ ଉନ୍ମୋଚିତ ହୋଇଥିଲା ଓ ଏହାର ସମ୍ପାଦକ ଡ. ଅସିତ ମହାନ୍ତି ଏଥିରେ ପ୍ରକାଶିତ ଲେଖାଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଓଡିଶା ଶାଖାର ବୌଦ୍ଧ ଭିକ୍ଷୁ ସାରନନ୍ଦ ଥେରା ବୁଦ୍ଧଙ୍କ ପଞ୍ଚଶିଳ ପାଠ କରାଇଥିଲେ। ବୁଦ୍ଧ ମନ୍ଦିର ପରିସରରେ କାର୍ଯ୍ୟନିର୍ବାହୀ ସଦସ୍ୟା ପ୍ରଫେସର ସୁଚେତା ପ୍ରିୟବାଦିନୀଙ୍କ ପ୍ରଦର୍ଶିତ ବୁଦ୍ଧଙ୍କ ଉପରେ ଏକ ଚିତ୍ରକଳା ପ୍ରଦର୍ଶନୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କେନ୍ଦ୍ରୀୟ ଟ୍ରଷ୍ଟି ଡ. ଷୌରେନ୍ଦ୍ର ମହାପାତ୍ର ସଭା ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କେନ୍ଦ୍ରୀୟ ଉପସଭାପତି ନମ୍ରତା ଚଢା ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ଦ କୋଠରିରୁ ୧୬ବର୍ଷ ପିଲାକୁ ଉଦ୍ଧାର

ଭୁବନେଶ୍ୱର,୨।୫(ସମିସ): ଡମଣାରେ ଅଞ୍ଚଳରେ ଏକ ବନ୍ଦ କୋଠରିରୁ ଜଣେ ୧୬ବର୍ଷର ପିଲାକୁ ଉଦ୍ଧାର କରାଯାଇଛି। ଗାଡ଼ି ଡୋର୍ ବ୍ରେକିଂ ଯନ୍ତ୍ରପାତିକୁ ବ୍ୟବହାର କରାଯାଇ ଘରର କବାଟ ଭାଙ୍ଗି ପିଲାଟିକୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଦ୍ଧାର କରିଛନ୍ତି। କୌଣସି କାରଣରୁ ଭିତରପଟୁ କବାଟ ବନ୍ଦ ହୋଇଯାଇଥିଲା। ପରିବାର ଲୋକେ ବିବ୍ରତ ହୋଇ ଏନେଇ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ସେମାନେ ପିଲାଟିକୁ ଉଦ୍ଧାର କରିଥିଲେ।

## ତିନିଦିନିଆ ନାଟକ ଉତ୍ସବ ‘ତରଙ୍ଗିଣୀ’ ଉଦଯାପିତ



ଭୁବନେଶ୍ୱର, ୨।୫(ସମିସ): ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୃଷି ମହାବିଦ୍ୟାଳୟରେ ତିନିଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ନାଟକ ଉତ୍ସବ ‘ତରଙ୍ଗିଣୀ’ ଉଦଯାପିତ ହୋଇଯାଇଛି। ଉଦ୍‌ଯାପିତ ଦିବସରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ କୃଷ୍ଣଙ୍କ ବାଲ୍ୟଲୀଳା, ବିଷ୍ଣୁଙ୍କ ଦଶାବତାର, ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଜନ୍ମ କାହାଣୀ ଏସବୁକୁ ନୃତ୍ୟ ଓ ନାଟକରେ ଦର୍ଶକଙ୍କ ସମ୍ମୁଖରେ ଉପସ୍ଥାପନା କରିଥିଲେ। ଅତିଥି ଭାବେ ଓଡ଼ିଆ ଅଭିନେତା କୁନା ତ୍ରିପାଠୀ, କଣ୍ଠଶିଳ୍ପୀ ଅଙ୍କିତା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଆ ଅଭିନେତା ତଥା ନିର୍ଦ୍ଦେଶକ ଚୌଧୁରୀ ଦାସଙ୍କ କଳା ଯୁବ ଗୋଷ୍ଠୀଙ୍କୁ ନାଟକ ପ୍ରତି ପ୍ରେରିତ କରିଛି। ଏହି ଅବସରରେ ଚଳଚିତ୍ର ‘ମୁରବୀ’ର ମଧ୍ୟ ପ୍ରମୋଶନ ହେଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗଦେଇ ସମସ୍ତ ଛାତ୍ରଛାତ୍ରୀଙ୍କୁ ନାଟକ ଦିଗରେ ଉତ୍ସହିତ କରିଥିଲେ।

## ‘ଏଆଇ କୌଣସି ସମସ୍ୟାର ସମାଧାନ ନୁହେଁ’

ଭୁବନେଶ୍ୱର,୨।୫(ସମିସ): ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ କୌଣସି ସମସ୍ୟାର ସମାଧାନ ନୁହେଁ। ଏହା କାମକୁ ସହଜ କରିବାର ମାଧ୍ୟମ ବୋଲି ସୋଆ ବିଶ୍ୱବିଦ୍ୟାଳୟରେ ଚାଲିଥିବା ‘ସାଇବର ସୁରକ୍ଷା ଜାତୀୟ ସମ୍ମିଳନୀ’ର ଶେଷ ଦିନରେ ମତପ୍ରକାଶ ପାଇଛି। ‘ସାଇବର ସିକ୍ୟୁରିଟି, ଏଆଇ ଆଣ୍ଡ ଏମର୍ଜିଙ୍ଗ ଟେକ୍ନୋଲୋଜିସ୍– ସିକ୍ୟୋରିଂ ଟୁମୋରୋଜ ଇଣ୍ଟେଲିଜେଣ୍ଟ ସିଷ୍ଟମ୍’ ଶୀର୍ଷକ ଦୁଇ ଦିନିଆ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ସିଆଇଡି କ୍ରାଇମ୍ ବ୍ରାଞ୍ଚ ଓଡିଶାର ଆଇଜି ସେଫିନ୍ ଅହମ୍ମଦ୍, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡି ପ୍ରସାଦ ନନ୍ଦ, ଜିଟି ଇଣ୍ଡିଆର ସିଆରଓ ଜଶପ୍ରୀତ ସିଂ, ପଶ୍ଚିମବଙ୍ଗ କ୍ୟାଡର୍‌ର ଯୁଗ୍ମ ସଚିବ ଓ ରାଜ୍ୟ ସିଆଇଏସଓ ଡ. ସଞ୍ଜୟ କୁମାର ଦାସ, ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଦିବସରେ ‘ଏଆଇ ଫର ପବ୍ଲିକ୍ ଗୁଡ୍: ଡିଜିଟାଲ ଇଣ୍ଡିଆ, ଗଭର୍ଣ୍ଣାନ୍ସ, ଇନୋଭେସନ୍ ଆଣ୍ଡ ଷ୍ଟ୍ରାଟେଜିକ୍ ଟେକ୍ନୋଲୋଜିସ’, ‘ଫ୍ରମ କମ୍ପ୍ଲାଏନ୍ସ ଟୁ ଇଣ୍ଟେଲିଜେନ୍ସ: ଏଆଇ, ସାଇବର ଲ ଆଣ୍ଡ ନେକ୍ସଟ-ଜେନ୍ ଏନ୍‌ଟରପ୍ରାଇଜ୍ ସିକ୍ୟୁରିଟି’, ‘ସେପିଙ୍ଗ୍ ଦି ଫ୍ୟୁଚର ଅଫ୍ ଏଆଇ: ରିସର୍ଚ୍ଚ, ଏକାଡେମିଆ ଆଣ୍ଡ ଥଟ୍ ଲିଡରସିପ୍ ଫର ଏ ଡିଜିଟାଲ ଇଣ୍ଡିଆ’ ଉପରେ ଆଲୋଚନା ହୋଇଥିଲା।

## ‘ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍’ ମଡେଲ୍ ଅନୁଧ୍ୟାନ କଲେ ଇନ୍ଦୋର ମ୍ୟୁନିସିପାଲ୍ ପ୍ରତିନିଧି

ଭୁବନେଶ୍ୱର,୨।୫(ସମିସ): ଓଡ଼ିଶାର ସହରାଞ୍ଚଳ ଜଳ ସଂସ୍କାରର ସଫଳତା ଅନୁଧ୍ୟାନ ପାଇଁ ଇନ୍ଦୋର ମ୍ୟୁନିସିପାଲ୍ କର୍ପୋରେସନ୍ (ଆଇଏମସି) ର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଓଡ଼ିଶା ଗସ୍ତ କରିଛନ୍ତି। ଇନ୍ଦୋର ମ୍ୟୁନିସିପାଲ୍ କମିଶନର କ୍ଷିତିଜ ସିଙ୍ଗଲଙ୍କ ନେତୃତ୍ୱରେ ଆସିଥିବା ଏହି ପ୍ରତିନିଧି ଦଳ ଉନ୍ନତି ଭବନଠାରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ସହ ଆଲୋଚନା କରିଥିଲେ।

## ‘ମହାନଦୀ ସୁପରଫାଷ୍ଟ’ ହିନ୍ଦୀ ଦୈନିକର ଷଷ୍ଠବର୍ଷ ପୂର୍ତ୍ତି ସମାରୋହ





ଭୁବନେଶ୍ୱର,୨।୫(ସମିସ): ଆନ୍ତର୍ଜାତିକ ଶ୍ରମ ଦିବସ ଅବସରରେ ଗୀତଗୋବିନ୍ଦ ସଦନ ପ୍ରେକ୍ଷାଳୟରେ ଓଡ଼ିଶା (କଟକ) ତଥା ଛତିଶଗଡ଼ରୁ ଏକକାଳୀନ ପ୍ରକାଶ ପାଉଥିବା ଦୈନିକ ହିନ୍ଦୀ ଖବରକାଗଜ ‘ମହାନଦୀ ସୁପରଫାଷ୍ଟ’ର ଷଷ୍ଠବର୍ଷ ପୂର୍ତ୍ତି ଅବସରରେ ‘ଏଆଇ .ଲେସେ୍: ଫର ମିଡ଼ିଆ କଣ୍ଟେଟ୍’ ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ସହିତ ‘ଉତ୍କର୍ଷ ଓଡ଼ିଶା ସମ୍ମାନ ପ୍ରଦାନ’ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ତଥା ମହାନଦୀ ସୁପର ଫାଷ୍ଟର ସମ୍ପାଦକ ଅବିନାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପିଆଇବି ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ରଙ୍କ ସମେତ ପୂର୍ବତନ ମନ୍ତ୍ରୀ ତଥା ରାଜନେତା ପ୍ରସାଦ ହରିଚନ୍ଦନ, ବିଜେପିର ନେତା ଡ. ମୁରଲୀ ମନୋହର ଶର୍ମା, ଅନୁଗୋଳ ସୁକିନ୍ଦା ରେଲୱେ ପ୍ରୋଜେକ୍ଟ ଲିମିଟେଡର ଏମ୍‌ଡି ଦିଲ୍ଲୀପ କୁମାର ସାମନ୍ତରାୟ, ସୁଶ୍ରୁତ ହସ୍ପିଟାଲ୍ ଓ ଟ୍ରମା କେୟାର ସିଇଓ ଚିଦମ୍ବିକ ଖଟୁଆ, ସାମ୍ବାଦିକ ତଥା କ୍ୟାପିଟାଲ୍ ପୋଷ୍ଟର ସମ୍ପାଦକ ସୁରେନ୍ଦ୍ର କୁମାର ସାହୁ, ଭି. ରାଜେନ୍ଦ୍ର ରାଜୁ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପ୍ରତିଭାଧାରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ଧୃତିଧର ଦାସ ସଭା ସଞ୍ଚାଳନ କରିଥିଲା ବେଳେ ପାର୍ଥ ସାରଥି ଜେନା ସହଯୋଗ କରିଥିଲେ। ନୃସିଂହ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଫଟୋ ଜର୍ଣ୍ଣାଲିଷ୍ଟ ଡଟ୍ କମ୍‌ର ଶ୍ରମିକ ଦିବସ



ଭୁବନେଶ୍ୱର,୨।୫(ସମିସ): ସୁରତରଙ୍ଗ ଆନୁକୂଲ୍ୟରେ ଭୁବନେଶ୍ୱର ଫଟୋ ଜର୍ଣ୍ଣାଲିଷ୍ଟ ଡଟ୍ କମ୍ ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଫଟୋ ସାମ୍ବାଦିକ ପୀୟୂଷ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଭିନେତା ସବ୍ୟସାଚୀ ମିଶ୍ର, ଜାତୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଜୟନ୍ତ ମିଶ୍ରଙ୍କ ସହିତ ସୁରତରଙ୍ଗ ସଭାପତି ସମୀର ମହାନ୍ତି, ମୁଖ୍ୟ ଉପଦେଷ୍ଟା ଡ. ମୁରଲୀ ମନୋହର ଶର୍ମା, କାର୍ଯ୍ୟକାରୀ ସଭାପତି ବିଧୁଭୂଷଣ ନାୟକ, ଉପଦେଷ୍ଟା ବିକାଶ ଚନ୍ଦ୍ର ପଟ୍ଟନାୟକ, କଣ୍ଠଶିଳ୍ପୀ ବିଭୁକିଶୋର, ଅଭିନେତ୍ରୀ ରାକ୍ଷୀ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଫଟୋ ସାମ୍ବାଦିକ ସଞ୍ଜୀବ ଦାସ, ଭବାନୀ ଦାସ, ଟିକନ ମିଶ୍ର, ସ୍ୱଦେଶ ମହାନ୍ତି, ପ୍ରକାଶ ସାହୁ, ଅରବିନ୍ଦ ମହାପାତ୍ର, ନବୀନ ଦାସ, ମନୋଜ ସ୍ୱାଇଁ, ବିଭୂତି ସାହୁ, ଦୀପକ ମହାପାତ୍ର, ବୁଲୁ ସାହୁ, ଅଶ୍ୱିନୀ ପତି, ବିଶ୍ୱନାଥ ସ୍ୱାଇଁ, ନରସିଂହ ପରିଡ଼ା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ରାଜ୍ୟ ବ୍ୟାପୀ ଓୟୁଜେର ଆନ୍ଦୋଳନ

## ସାମ୍ବାଦିକଙ୍କ ଦାବି ପ୍ରତି ଉଦାସୀନ ସରକାର

ଭୁବନେଶ୍ୱର, ୨।୫(ସମିସ): ସାମ୍ବାଦିକଙ୍କ ଦାବି ପ୍ରତି ସରକାରଙ୍କ ଉଦାସିନତା ପ୍ରତିବାଦରେ ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ) ଡାକରାରେ ଶୁକ୍ରବାର ଶ୍ରମିକ ଦିବସକୁ ରାଜ୍ୟ ବ୍ୟାପୀ ସାମ୍ବାଦିକମାନେ ପ୍ରତିବାଦ ଦିବସ ଭାବେ ପାଳନ କରିଥିଲେ। ଏହି ଅବସରରେ ସାମ୍ବାଦିକମାନେ କଳା ବ୍ୟାଜ୍ ପିନ୍ଧିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଗୁଡ଼ିକ ସମ୍ମୁଖରେ ଧାରଣା ଦେଇଥିଲେ।



ରାଜଧାନୀରେ ଓୟୁଜେ ଭବନରେ ସଙ୍ଘର ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସମାବେଶରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବିଧାୟକ ଡ଼. ଅରୁଣ ସାହୁ ସାମ୍ବାଦିକମାନଙ୍କ ନ୍ୟାୟୋଚିତ ଦାବି ପ୍ରତି ସରକାରଙ୍କ ଅବହେଳା ଅତ୍ୟନ୍ତ ନିନ୍ଦନୀୟ ବୋଲି ମତବ୍ୟକ୍ତ କରିବା ସହ ସେ ନିଜେ ଏ ବାବଦରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦେଶରେ ୧୮ଟି ରାଜ୍ୟରେ ପେନସନ ଯୋଜନା ଲାଗୁ ହୋଇଥିବା ବେଳେ ଓଡ଼ିଶାରେ ଏ ଯାଏ ଲାଗୁ ନ ହେବା,୧୯ ବର୍ଷରୁ ଅଧିକ ସମୟଧରି ସାମ୍ବାଦିକ ଅଧିସ୍ୱୀକୃତି କମିଟି ଗଠନ ନ ହେବା ଏବଂ ରାଜ୍ୟରେ ସାମ୍ବାଦିକ ମାନଙ୍କ ଉପରେ ଆକ୍ରମଣ ଘଟଣା ବଢ଼ି ଚାଲିବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ସଭାପତି ଶ୍ରୀ ମହାନ୍ତି କହିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଏହା ବଡ଼ ଧରଣର ଆନ୍‌ଦୋଳନର ରୂପ ନେବ ବୋଲି ସାଧାରଣ ସମ୍ପାଦକ କିଷାନ କୁମାର ରାଉତ ଚେତାଇ ଦେଇଥିଲେ। ଉପସଭାପତି ପରୀକ୍ଷିତ ବିଶ୍ୱାଳ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ କୁମାର ସାହୁ, ପ୍ରମୋଦ କୁମାର ସାମନ୍ତ ରାୟ,କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ମହାନ୍ତି, ବରିଷ୍ଠ ସଦସ୍ୟ ଅଜୟ ଦାସ , ରାଜେଶ ପଟ୍ଟନାୟକ, କମ୍ବୁପାଣି ମିଶ୍ର, ଅଶୋକ କୁମାର ନନ୍ଦ, ଚିନ୍ମୟ ମାହାପାତ୍ର, ପ୍ରସନ୍ନ ପାଇକରାୟ, କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ବିଶ୍ୱାଳ, ଅନସର୍ ଅଲ୍ଲି, ସୁଧାଂଶୁ ପରିଡ଼ା, ଶୁଭଲକ୍ଷ୍ମୀ ସାମନ୍ତରାୟ, ଅଶ୍ୱିନୀ ସାହୁ ପ୍ରମୁଖ ଯୋଗଦେଇ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କେନ୍ଦୁଝରର ବରିଷ୍ଠ ସାମ୍ବାଦିକ କ୍ଷେତ୍ରବାସୀ ମହାକୁଡ଼ଙ୍କ ବିୟୋଗରେ ଶୋକବ୍ୟକ୍ତ କରାଯାଇଥିଲା। ପ୍ରତିବାଦ ଦିବସ ଅବସରରେ ଓୟୁଜେ ପକ୍ଷରୁ ପେନସନ, ପ୍ରୋଟେକସନ୍, ଆକ୍ରିଡେସନ୍ ଓ ସ୍ୱାସ୍ଥ୍ୟବୀମା ରାଶି ବୃଦ୍ଧି ଦାବିରେ ଏକ ଚାରି ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇ ଥିଲା।

## ‘ସକାଳ’ ପ୍ରତିନିଧିଙ୍କ ପିତୃ ବିୟୋଗ

ଧଉଳି,୨।୫(ସମିସ): ଭୁବନେଶ୍ୱର ବ୍ଲକ ଗୋପୀନାଥପୁର ଗ୍ରାମର ଜଣାଶୁଣା ବୟଜ୍ୟୋଷ୍ଠ ବ୍ୟକ୍ତି ତଥା ‘ସକାଳ’ ଖବରକାଗଜର ଧଉଳି ପ୍ରତିନିଧି ସୁକାନ୍ତ କୁମାର ମହାନ୍ତିଙ୍କ ବାପା କୈଳାସ ଚନ୍ଦ୍ର ମହାନ୍ତି(୮୫)ଙ୍କ ଶୁକ୍ରବାର ପରଲୋକ ହୋଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥତା କାରଣରୁ ଶଯ୍ୟାଶାୟୀ ଥିଲେ। ସେ ସରକାରୀ କର୍ମଚାରୀ ଭାବେ କାମ କରୁଥିବା ବେଳେ ୧୯୯୯ ମସିହାରେ ଅବସର ନେଇଥିଲେ। ତାଙ୍କର ମୃତ୍ୟୁ ଖବରପାଇ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ବିଜେଡି ଯୁବନେତା ସନ୍ତୋଷ ବେଞ୍ଚ, ବିଜୟ ଗୋଛାୟତ, ଏସ. କେ. ସବୀର ଅଲ୍ଲୀ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉତ୍ତରା ସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତଦେହ ନିକଟରେ ଧର୍ମପତ୍ନୀ ଗୋଲାପବାଳା ଓ ୪ ପୁଅ ବୋହୂ, ନାତି ନାତୁଣୀ, ବନ୍ଧୁ ଓ ପରିଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଜୟନ୍ତ କୁମାର ମହାନ୍ତି ମୁଖାଗ୍ନି ଦେଇଥିଲେ।

### ରାଜଧାନୀରେ ମାଟ୍ରିକ୍ ପରୀକ୍ଷା ଫଳ

## ବିଏମ୍‌ସିରେ ବିଶ୍ୱଜିତ ଓ ବ୍ଲକ୍‌ରେ ମୋନାଲିସା ଟପ୍ପର

ଭୁବନେଶ୍ୱର, ୨।୫(ସମିସ):

ଚଳିତବର୍ଷ ଭୁବନେଶ୍ୱର ବ୍ଲକ୍ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ମୋଟ୍ ୧୨୦୨୫ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇଥିବାବେଳେ ୯୧ ଜଣ ପରୀକ୍ଷାରେ ଅନୁପସ୍ଥିତ ରହିଛନ୍ତି। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୨ ଜଣ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୧୧ ଜଣ ଏଫ୍ ଗ୍ରେଡ୍ ପାଇଛନ୍ତି। ବିଏମ୍‌ସିରେ ୟୁନିଟ୍-୧ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ବିଶ୍ୱଜିତ ନାୟକ ଟପ୍ପର ହୋଇଛନ୍ତି। ମୋଟ୍ ୬ଶହ ମାର୍କରୁ ସେ ୫୭୨ ମାର୍କ ରଖିଛନ୍ତି। ଅନୁରୂପ ଭାବେ ଚନ୍ଦକାସ୍ଥିତ ମହାରଣା ବୀରବର ନୋଡାଲ୍ ବିଦ୍ୟାପୀଠର ଛାତ୍ରୀ ମୋନାଲିସା ମହାରଣା ୫୫୭ ନମ୍ବର ରଖି ଭୁବନେଶ୍ୱର ବ୍ଲକ୍‌ରେ ଟପ୍ପର ହୋଇଛନ୍ତି।

ବିଏମ୍‌ସିରେ ସମୁଦାୟ ୧୦୬୭୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୮୩ ଜଣ ପରୀକ୍ଷା ଦେଇ ନାହାନ୍ତି ବା ଡ୍ରପ୍ ଆଉଟ୍ ହୋଇଛନ୍ତି। ସେହିପରି ୮୮ ଜଣ ପିଲା ଏ-୧ ଗ୍ରେଡ୍ ପାଇଥିବାବେଳେ ୧୫୮ ଜଣ ଏଫ୍ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନୁରୂପ ଭାବେ ଭୁବନେଶ୍ୱର ବ୍ଲକ୍‌ରେ ମୋଟ୍ ୧୩୪୮ ଜଣ ପରୀକ୍ଷା ଦେଇଥିବାବେଳେ ୮ ଜଣ ପରୀକ୍ଷା ଦେଇ ନାହାନ୍ତି। ୪ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍ ପାଇଥିବାବେଳେ ୫୩ ଜଣ ଏଫ୍ ଗ୍ରେଡ୍‌ରେ ରହିଛନ୍ତି।

### ■ କିସ୍ ଛାତ୍ରଛାତ୍ରୀଙ୍କ ସଫଳତା

ଭୁବନେଶ୍ୱର : ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍)ର ଫଳାଫଳ ଶତପ୍ରତିଶତ ହୋଇଛି। ପରୀକ୍ଷା ଦେଇଥିବା ୨୦୩୧ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୦ପ୍ରତିଶତ ଛାତ୍ରଛାତ୍ରୀ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବାକି ଛାତ୍ରଛାତ୍ରୀ ୫୦ ପ୍ରତିଶତରୁ ଅଧିକ ନମ୍ବର ରଖି ଦ୍ୱତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କିସ୍ ଛାତ୍ରୀ ସୁଚେତା ସୋରେନ୍ ସର୍ବାଧିକ ୫୬୮ ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଛନ୍ତି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି



କଳରାବାଙ୍କ ଉଚ୍ଚବିଦ୍ୟାଳୟରେ ମଧ୍ୟ ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ସ୍ନେହାଶିଷ ମହାପାତ୍ର ସର୍ବାଧିକ ୫୪୦ ନମ୍ବର ରଖି ସ୍କୁଲ୍ ଟପର ହୋଇଛନ୍ତି।

